# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 11 November – 2025

********************************

## ମୁଖ୍ୟ ସମ୍ବାଦ

---

- ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ମତଦାନ ପ୍ରକ୍ରିୟା ଜାରି

– ଅପରାହ୍ନ ଗୋଟାଏ ସୁଦ୍ଧା ୫୧ ଦଶମିକ ୪/୯ ପ୍ରତିଶତ ମତଦାନ

- ରାଜ୍ୟର ସମସ୍ତ ଐତିହ୍ୟ, ସଂସ୍କୃତି ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

- କୃତ୍ରିମ ବୁଦ୍ଧିମତ୍ତା ଏବଂ ଶିକ୍ଷା, ସ୍ୱୟଂଚାଳିତ ବିଶ୍ୱରେ ମାନବ ସଂଗଠନ ସଂରକ୍ଷଣର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ଜାତୀୟ ଶିକ୍ଷା ଦିବସ

ଏବଂ

- ଉତ୍ତର ଦିଗରୁ ଶୁଖିଲା ଥଣ୍ଡା ପବନ ବହୁଥିବାରୁ ଆସନ୍ତାକାଲି ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ସ୍ଥାନରେ ରାତି ତାପମାତ୍ରା ହ୍ରାସ ପାଇବ

## ନୂଆପଡ଼ା ଉପନିର୍ବାଚନ

ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ମତଦାନ ଜାରି ରହିଛି । ମତଦାନ ସକାଳ ୭ଟାରୁ ଆରମ୍ଭ ହୋଇଛି । କେତୋଟି ବୁଥ୍‌ରେ ଇଭିଏମ୍‌ରେ ସାମାନ୍ୟ ତ୍ରୁଟି ଦେଖାଦେବାରୁ ସେଗୁଡ଼ିକର ତତ୍‌କ୍ଷଣାତ ସମାଧାନ କରାଯାଇ ଭୋଟ୍ ପ୍ରକ୍ରିୟାକୁ ସ୍ୱାଭାବିକ କରାଯାଇଛି । ମତଦାନ ପୂର୍ବରୁ ସମସ୍ତ ୩୫୮ଟି ମତଦାନ କେନ୍ଦ୍ରରେ ମକ୍ ପୁଲିଂ କରାଯାଇଥିଲା । ମକ୍ ପୁଲ୍ ସମୟରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିବାରୁ ୩ଟି ବାଲଟ ୟୁନିଟ୍ ଏବଂ ୩ଟି କଣ୍ଟ୍ରୋଲ୍ ୟୁନିଟ୍‌କୁ ବଦଳା ଯାଇଥିଲା ।

ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ଏହି ନିର୍ବାଚନ କ୍ଷେତ୍ରରେ ୩୫୮ଟି ମତଦାନ କେନ୍ଦ୍ରରେ ଭୋଟ୍‌ଦାନ ପ୍ରକ୍ରିୟା ସୁରୁଖୁରୁରେ ଚାଲିଛି । ଅପରାହ୍ନ **ଗୋଟାଏ** ସୁଦ୍ଧା **୫୧ ଦଶମିକ ୪/୯** ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି ।

ସୂଚନା ଅନୁସାରେ ୨ଲକ୍ଷ ୪୮ ହଜାର ୨୫୬ ଜଣ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବା ନେଇ ନିର୍ବାଚନ କମିଶନଙ୍କ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ କୁହାଯାଇଛି । ମାଓବାଦୀ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟ୍ ନିଆଯିବ । ଅନ୍ୟ ସମସ୍ତ ସ୍ଥାନରେ ସଂଧ୍ୟା ୫ଟା ପର୍ଯ୍ୟନ୍ତ ଭୋଟ୍‌ଗ୍ରହଣ ଜାରି ରହିବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍.ଗୋପାଳନ କହିଛନ୍ତି ।

ସୁନାବେଡା ଅଭୟାରଣ୍ୟ ଅଞ୍ଚଳରେ ଥିବା ୮ଟି ସମ୍ବେଦନଶୀଳ ବୁଥ୍‌ରେ ମତଦାନ ପ୍ରକ୍ରିୟାକୁ ସୁନିର୍ଶ୍ଚିତ କରିବା ପାଇଁ କମିଶନଙ୍କ ପକ୍ଷରୁ ସଖୀ ବୁଥ୍ ସମେତ ଅନ୍ୟ କେତେକ ବୁଥ୍‌ରେ ଆବଶ୍ୟକୀୟ ଅତିରିକ୍ତ ବ୍ୟବସ୍ଥା କରାଯାଇଛି । ମତଦାନର ଗୋପନୀୟତା ଉଲ୍ଲଂଘନ ଅଭିଯୋଗରେ ପି.ଏସ୍.-୩୬ କୁଳିଆବନ୍ଧ ପ୍ରିଜାଇଡିଂ ଅଫିସରଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି ।

ନୂଆପଡ଼ାରୁ ମତଦାନ ସଂପର୍କିତ ଅଧିକ ତଥ୍ୟ ଦେଇଛନ୍ତି ଆମର ସମ୍ବାଦଦାତା ତପନ ରଂଜନ ଦାସ :

**V/O**

## ଶୀତକାଳୀନ ଅଧିବେଶନ

ଓଡ଼ିଶା ବିଧାନସଭାର ଶୀତକାଳୀନ ଅଧିବେଶନ ଆସନ୍ତା ୨୭ ତାରିଖରୁ ଆରମ୍ଭ ହେବ । ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଥିବା ନେଇ ଓଡ଼ିଶା ବିଧାନସଭା ସଚିବଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି । ୨୮ ତାରିଖରେ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ଲାଗି ଅତିରିକ୍ତ ବଜେଟ୍ ଉପସ୍ଥାପନ ହେବ । ଡିସେମ୍ବର ମାସ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଅଧିବେଶନରେ ୨୯ଟି କାର୍ଯ୍ୟଦିବସ ରହିଛି ।

## ହାଇ ଆଲର୍ଟ

ଦିଲ୍ଲୀ ଲାଲକିଲ୍ଲା ମେଟ୍ରୋ ଷ୍ଟେସନ ନିକଟରେ ଗତକାଲି ସନ୍ଧ୍ୟାରେ ଘଟିଥିବା ବିସ୍ଫୋରଣ ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରାଯାଇଛି । ସଂସ୍କୃତି, ଐତିହ୍ୟସ୍ଥଳ ଏବଂ ବିମାନ ବନ୍ଦର, ରେଲଷ୍ଟେସନ ଗୁଡ଼ିକରେ କଡ଼ାକଡ଼ି ଯାଞ୍ଚ ସହିତ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ।

**- V/O -**

ଦିଲ୍ଲୀ ଲାଲକିଲ୍ଲା ନିକଟରେ ଘଟିଥିବା ବିସ୍ଫୋରଣରେ ୧୩ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ଭୁଟାନ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘଟଣାରେ ଦୁଃଖ ପ୍ରକାଶ କରିବା ସହିତ ଘଟଣାରେ ସଂପୃକ୍ତ ଦୋଷୀଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ।

## ନୂଆ ଆପ୍

ଭାରତୀୟ ସ୍ୱତନ୍ତ୍ର ପରିଚୟପତ୍ର କର୍ତ୍ତୃପକ୍ଷ-ୟୁଡିଆଇ ପକ୍ଷରୁ ନୂଆ ଆଧାର ଆପ୍‌ର ଶୁଭାରମ୍ଭ ହୋଇଛି । ଏହାଦ୍ୱାରା ୧୪୦ କୋଟି ଭାରତୀୟ ସେମାନଙ୍କ ସ୍ମାର୍ଟଫୋନ୍‌ରେ ଡିଜିଟାଲ୍ ଆଧାର କାର୍ଡ ରଖିପାରିବେ । ଉଭୟ ଗୁଗୁଲ୍ ପ୍ଲେଷ୍ଟୋର ଏବଂ ଆପଲ୍ ଆପ୍‌ଷ୍ଟୋର୍‌ରେ ଏହି ଆପ୍ ମାଗଣାରେ ଉପଲବ୍ଧ ହେଉଛି । ନୂଆ ଆଧାର ଆପ୍‌ରେ ବାୟୋମେଟ୍ରିକ୍ ଲକ୍, ମୁଖ

ଚିହ୍ନଟ ପ୍ରଯୁକ୍ତି ଏବଂ କ୍ୟୁଆର୍ କୋଡ୍ ଭିତ୍ତିକ ସେୟାରିଂ ସୁବିଧା ରହିଥିବା ଜଣାପଡ଼ିଛି ।

## କପାଚାଷ

ଭାରତୀୟ କପା ନିଗମ-ସିସିଆଇ କପାଚାଷୀଙ୍କ ପାଇଁ କପାସ୍ କିଷାନ୍ ମୋବାଇଲ୍ ଆପ୍ ଆରମ୍ଭ କରିଛି । ଚଳିତ କପା ବିପଣନ ଋତୁରେ ଚାଷୀମାନେ ଏହି ଆପ୍ ମାଧ୍ୟମରେ ପଞ୍ଜୀକରଣ କରିବା ସହ ସର୍ବନିମ୍ନ ସହାୟକ ମୂଲ୍ୟରେ ସିସିଆଇ କ୍ରୟ କେନ୍ଦ୍ରରେ ବିକ୍ରି କରିପାରିବେ । ପଞ୍ଜୀକରଣର ଶେଷ ତାରିଖ ଆସନ୍ତା ଡିସେମ୍ବର ମାସ ୩୧ ତାରିଖକୁ ବୃଦ୍ଧି କରାଯାଇଛି ।

*Desk*

## ଜାତୀୟ ଶିକ୍ଷା ଦିବସ

ସ୍ୱାଧୀନ ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଅବୁଲ୍ କଲାମ୍ ଆଜାଦ୍‌ଙ୍କ ଜନ୍ମଦିନ ସ୍ମୃତିରେ ପ୍ରତିବର୍ଷ ନଭେମ୍ବର ମାସ ୧୧ ତାରିଖକୁ ଜାତୀୟ ଶିକ୍ଷା ଦିବସ ଭାବେ ପାଳନ କରାଯାଉଛି । ଚଳିତବର୍ଷ 'କୃତ୍ରିମ ବୁଦ୍ଧିମତା ଏବଂ ଶିକ୍ଷା, ସ୍ୱୟଂଚାଳିତ ବିଶ୍ୱରେ ମାନବ ସଂଗଠନର ସଂରକ୍ଷଣ'ର ବାର୍ତ୍ତା ନେଇ ଏହି ଦିବସ ପାଳନ କରାଯାଉଛି ।

ଦେଶ ସ୍ୱାଧୀନ ହେବା ପରେ ସ୍ୱର୍ଗତ ମୌଲାନା ଅବୁଲ୍ କଲାମ ଆଜାଦ ୧୯୪୭ ମସିହା ଅଗଷ୍ଟ ମାସ ୧୫ ତାରିଖଠାରୁ ୧୯୫୮ ମସିହା ଫେବୃୟାରୀ ମାସ ୨ ତାରିଖ ପର୍ଯ୍ୟନ୍ତ ଭାରତର ଶିକ୍ଷାମନ୍ତ୍ରୀ ଥିଲେ ।

ଶିକ୍ଷାକ୍ଷେତ୍ରରେ ଗ୍ରାମାଞ୍ଚଳର ଝିଅମାନଙ୍କୁ ଶିକ୍ଷିତ କରିବାପାଇଁ ସ୍ୱର୍ଗତ ଆଜାଦଙ୍କ ବଡ଼ ଅବଦାନ ଥିଲା । ଶିକ୍ଷାମନ୍ତ୍ରୀ ଥିବା ସମୟରେ ସ୍ୱର୍ଗତ ଆଜାଦ ଜାତୀୟ ଶିକ୍ଷାନୀତି ପ୍ରଣୟନ କରିଥିଲେ । ବୈଷୟିକ ଶିକ୍ଷାକ୍ଷେତ୍ରରେ ଆଇ.ଆଇ.ଟି.ଗୁଡ଼ିକ ସ୍ଥାପନପାଇଁ ମୌଲାନା ଅବୁଲ୍ କଲାମ୍ ଆଜାଦ୍ ଚିରସ୍ମରଣୀୟ ହୋଇ ରହିବେ ।  ଆର୍ଥିକ କ୍ଷେତ୍ର ସହ ବୌଦ୍ଧିକ ବିକାଶରେ ଶିକ୍ଷା କିପରି ଅଧିକରୁ ଅଧିକ ଫଳପ୍ରଦ ହୋଇପାରିବ, ମୌଲାନା ଅବୁଲ୍ କଲାମ ଆଜାଦଙ୍କର ଲକ୍ଷ୍ୟ ଥିଲା । ୧୪ ବର୍ଷ ପର୍ଯ୍ୟନ୍ତ ସମସ୍ତଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଏବଂ ପ୍ରୌଢ଼ଶିକ୍ଷାର ବାର୍ତ୍ତା ନେଇ ଆଜି ଏହି ଦିବସ ପାଳନ କରାଯାଉଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବଭାରତ ଗଠନରେ  ମୌଲାନା ଅବୁଲ୍ କଲାମ ଆଜାଦଙ୍କ ଅବଦାନ ସର୍ବଦା ପ୍ରେରଣାଦାୟୀ ହୋଇ ରହିବ ବୋଲି କହିଛନ୍ତି ।

ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଅଧିକ ସୂଚନା ଦେଉଛନ୍ତି ଭାରତୀୟ ଜନସଂଚାର ସଂସ୍ଥାନର ବରିଷ୍ଠ  ପ୍ରାଧ୍ୟାପକ  ପ୍ରଫେସର ମୃଣାଳ ଚାଟାର୍ଜୀ...

**- V/O -**

**ସାମାଜିକ ଚେତନା କେନ୍ଦ୍ର**

ମାଲକାନଗିରି ଜିଲ୍ଲା ଜେଲ୍ ପରିସରରେ ସାମାଜିକ ଚେତନା କେନ୍ଦ୍ରର ଶୁଭାରମ୍ଭ ହୋଇଛି । ଜାତୀୟ ଶିକ୍ଷା ଦିବସ ଅବସରରେ ଜିଲ୍ଲାପାଳ ଏହାର ଶୁଭାରମ୍ଭ କରି କହିଛନ୍ତି, କାରାଗାରରେ ଥିବା ନିରକ୍ଷର ଅନ୍ତେବାସୀମାନଙ୍କୁ ଏହା ମାଧ୍ୟମରେ ସାକ୍ଷର କରାଯିବ । ଏଥିସହ ସେମାନଙ୍କୁ କୌଶଳ ବିକାଶ ତାଲିମ ମଧ୍ୟ ପ୍ରଦାନ କରାଯିବ ।

## ସଚେତନତା କାର୍ଯ୍ୟକ୍ରମ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ମସ୍ତିଷ୍କାଘାତ ସଂପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜନସ୍ୱାସ୍ଥ୍ୟ ଓ ସୂଚନା ବିଶେଷଜ୍ଞ ଯୋଗଦେଇ ମସ୍ତିଷ୍କାଘାତର ମୁକାବିଲା ସଂପର୍କରେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ ।

## ପ୍ରାଣୀସମ୍ପଦ ମେଳା

ସୁବର୍ଣ୍ଣପୁରଠାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ୨୦୨୫ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଉଦ୍‌ଘାଟନ କରି ମତ୍ସ୍ୟ, କୃଷି ଓ ପ୍ରାଣୀ ସମ୍ପଦର ବିକାଶରେ ଏହି ମେଳା ପ୍ରୋତ୍ସାହିତ କରିବ ବୋଲି କହିଛନ୍ତି । ପାରମ୍ପରିକ କୃଷି ସହ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ମତ୍ସ୍ୟଚାଷ, ଗୋପାଳନ, କୁକୁଡ଼ା ଓ ବତକ ଚାଷ କରିବାକୁ ଆଗ୍ରହୀ ଚାଷୀମାନେ ଯତ୍ନଶୀଳ ହେବାକୁ ବିଶେଷଜ୍ଞଙ୍କ ପରାମର୍ଶ ନେଇଥିଲେ ।

## କର୍ମଶାଳା

ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀ ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସାଇବର କ୍ରାଇମ୍ ସଚେତନତା ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ ଯୋଗଦେଇ ବରିଷ୍ଠ ନାଗରିକଙ୍କ ସମେତ ସବୁ ବର୍ଗର ଲୋକମାନେ ସଚେତନ ହେବାକୁ ପରାମର୍ଶ ଦେଇଛନ୍ତି ।

## ପାଣିପାଗ

ରାଜ୍ୟକୁ ଉତ୍ତର ଦିଗରୁ ଶୁଖିଲା ଥଣ୍ଡା ପବନ ପ୍ରବେଶ କରୁଥିବାରୁ ବିଭିନ୍ନ ସ୍ଥାନରେ ରାତି ତାପମାତ୍ରା ୩ ରୁ ୪ ଡିଗ୍ରୀ ହ୍ରାସ ପାଇଛି । ଚଳିତବର୍ଷ ପ୍ରଥମଥର ପାଇଁ ଗତକାଲି ଜି.ଉଦୟଗିରିରେ ରାତିର ସର୍ବନିମ୍ନ ତାପମାତ୍ରା ୮ ଦଶମିକ ୪ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଥିଲା । କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡ଼ିରେ ମଧ୍ୟ ରାତି ତାପମାତ୍ରା ୧୦ ଡିଗ୍ରୀରୁ କମ୍ ଥିଲା । ପାଣିପାଗ ବିଭାଗର ସୂଚନା ଅନୁସାରେ ଆସନ୍ତାକାଲି ପର୍ଯ୍ୟନ୍ତ ରାତି ତାପମାତ୍ରା ପ୍ରାୟ ୨ରୁ ୩ ଡିଗ୍ରୀ ହ୍ରାସ ପାଇବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ରାଜ୍ୟର ଆଭ୍ୟନ୍ତରୀଣ, ପଶ୍ଚିମ ଏବଂ ଦକ୍ଷିଣାଞ୍ଚଳରେ ତାପମାତ୍ରା ହ୍ରାସ ପାଇବା ସହିତ ଅଧିକ ଥଣ୍ଡା ଅନୁଭୂତ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି । ରାଜଧାନୀ ଭୁବନେଶ୍ୱରରେ ସ୍ୱାଭାବିକଠାରୁ ୫ ଦଶମିକ ୮ ଡିଗ୍ରୀ, ଝାରସୁଗୁଡ଼ାରେ ୬ ଦଶମିକ ୩ ଡିଗ୍ରୀ ଏବଂ କଟକରେ ୩ ଦଶମିକ ୬ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା କମ୍ ଥିବା ଜଣାପଡ଼ିଛି ।